بسم الله الرحمن الرحيم

**ଖୁତ୍‌ବା ଜୁମା ୫ ମାର୍ଚ୍ଚ ୨୦୨୧ର ସାରାଂଶ**
**ସ୍ଥାନ-ମସ୍‌ଜିଦ୍‌ ମୁବାରକ, ଇସ୍‌ଲାମାବାଦ୍‌, ବ୍ରିଟେନ୍‌**

# ଆଁହଜ୍‌ରତ୍‌ ସ.ଅଙ୍କ ସର୍ବୋଚ୍ଚ ତଥା ପଦମର୍ଯ୍ୟାଦା ସମ୍ପନ୍ନ ବଦ୍‌ରୀ ସାହାବୀ ହଜ୍‌ରତ ଉସ୍‌ମାନ୍‌ ର.ଅଙ୍କ ପ୍ରଶଂସନୀୟ ଗୁଣାବଳୀର ବିଶ୍ୱାସବର୍ଦ୍ଧକ ଚର୍ଚ୍ଚା ।

ତଶହୁଦ୍‌, ତଉଜ୍‌ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନଓ୍ୱର୍‌ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍‌ ଅଜ୍‌ଜିଜ୍‌ କହିଲେ: ହଜ୍‌ରତ ଉସ୍‌ମାନ୍‌ ର.ଅଙ୍କ ବିରୁଦ୍ଧରେ ଯେଉଁ ଉପଦ୍ରବ ସୃଷ୍ଟି ହୋଇଥିଲା, ସେ ସଂକ୍ରାନ୍ତରେ ହ. ମୁସ୍‌ଲେହ୍‌ ମଉଦ୍‌ ର.ଅ କହନ୍ତି; ମୁହମ୍ମଦ୍‌ ବିନ୍‌ ଅବୁ ବକ୍କର୍‌, ମୁହମ୍ମଦ୍‌ ବିନ୍‌ ହୁଜୈଫା ଏବଂ ଅମ୍ମାର ବିନ୍‌ ୟାସିର୍‌ ଆଦି ବିଦ୍ରୋହୀମାନଙ୍କ କଥାରେ ପଡ଼ି ସେମାନଙ୍କ ସହିତ ସାମିଲ୍‌ ହୋଇଯାଇଥିଲେ । ଏମାନଙ୍କ ବ୍ୟତୀତ ମଦିନାର ଅନ୍ୟ ମୁସଲମାନ ତଥା ସାହାବାମାନେ ନା ସେହି ବିଦ୍ରୋହୀମାନଙ୍କ ପ୍ରତି ସହାନୁଭୂତି ପ୍ରଦର୍ଶନ କରୁଥିଲେ ଓ ନା ହିଁ ସେମାନଙ୍କ ସହିତ ସାମିଲ୍‌ ଥିଲେ । ବରଂ ପ୍ରତ୍ୟେକ ବ୍ୟକ୍ତିମାନେ ଏହି ବିଦ୍ରୋହୀମାନଙ୍କୁ ଅଭିଶାପ ଦେଉଥିଲେ ଏବଂ ଏମାନଙ୍କୁ ନିନ୍ଦା କରୁଥିଲେ । ସେହି ବିଦ୍ରୋହୀମାନଙ୍କ ହସ୍ତରେ କୌଣସି କ୍ଷମତା ନଥିଲା. ନା ସେମାନେ କୌଣସି ବ୍ୟକ୍ତିର ନିନ୍ଦାକୁ ଭୃକ୍ଷେପ କରୁଥିଲେ । ଦୀର୍ଘ କୋଡିଏ ଦିନ ଧରି ଏହି ବିଦ୍ରୋହୀମାନେ ହ. ଉସ୍‌ମାନ୍‌ ର.ଅଙ୍କୁ ଖିଲାଫତ୍‌ରୁ ଗାଦିଚ୍ୟୁତ କରାଇବା ପାଇଁ ଆପ୍ରାଣ ଉଦ୍ୟମ କରିଥିଲେ । କିନ୍ତୁ ହ. ଉସ୍‌ମାନ୍‌ ର.ଅ ସ୍ୱଷ୍ଟ ଭାବରେ ଖିଲଫତ୍‌କୁ ତ୍ୟାଗ କରିବାକୁ ପ୍ରତ୍ୟାଖ୍ୟାନ କରି ଦେଇଥିଲେ ଏବଂ ହ. ଉସ୍‌ମାନା ର.ଅ କହିଲେ ଅଲ୍ଲାଃତାଲା ମୋତେ ଯେଉଁ ବସ୍ତ୍ର ପିନ୍ଧାଇଛନ୍ତି ତାହାକୁ ମୁଁ ଓହ୍ଲାଇ ପାରିବି ନାହିଁ, ନା ହୁଜୁର ସ.ଅ ନେଇ ଆସିଥିବା ଧର୍ମକୁ ମୁଁ ଅସହାୟ ରୂପେ ଛାଡ଼ି ପାରିବି । ଯାହାର ଯେଉଁ ଇଚ୍ଛା ହେଉଛି ସେ ଅନ୍ୟ ଉପରେ ଅତ୍ୟାଚାର କରୁ । ହ. ଉସ୍‌ମାନ୍‌ ର.ଅ ସେହି ବିଦ୍ରୋହୀ ଉପଦ୍ରବୀମାନଙ୍କୁ ବୁଝାଇଲେ ଯେ, ଏହି ବିଦ୍ରୋହମୂଳକ ପରିବେଶରୁ ସେମାନେ ନିବୃତ୍ତ ରହନ୍ତୁ । ହ. ଉସ୍‌ମାନ୍‌ ର.ଅ କହିଲେ ଆଜି ଏହି ବିଦ୍ରୋହୀମାନେ ଉପଦ୍ରବ ସୃଷ୍ଟି କରୁଛନ୍ତି ଏବଂ ମୋ ଜୀବନ ଏବଂ ଖିଲାଫତ୍‌ ପ୍ରତି ବିତୃଷ୍ଣା ଭାବ ପ୍ରଦର୍ଶନ କରୁଛନ୍ତି । କିନ୍ତୁ ସେମାନେ ସ୍ମରଣ ରଖନ୍ତୁ ଯେ, ଯେତେବେଳେ ମୁଁ ଏହି ଦୁନିଆରେ ନଥିବି ସେତେବେଳେ ସେମାନେ ଏହି ଇଚ୍ଛା ପ୍ରକାଶ ଏବଂ ଅବଶୋଷ କରିବେ ଯେ, ଏପରି ହୁଅନ୍ତା କି ହ. ଉସ୍‌ମାନ୍‌ ର.ଅଙ୍କ ଖିଲାଫତ୍‌ର ଗୋଟିଏ ଦିନ ଗୋଟିଏ ଗୋଟିଏ ବର୍ଷ ପାଲଟି ଯାଆନ୍ତା ! ଏବଂ ସେ ଆମମାନଙ୍କ ଠାରୁ ଶୀଘ୍ର ବିଦାୟ ନ ନିଅନ୍ତେ । କାରଣ ସେ କହିଥିଲେ ମୋ ପରେ ବିଦ୍ରୋହୀମାନେ ଅତ୍ୟନ୍ତ ବୀଭତ୍ସ କାଣ୍ଡ ଭିଆଇବେ ଏବଂ ଲୋକମାନଙ୍କର ଅଧିକାର କ୍ଷୁର୍ଣ୍ଣ ହୋଇଯିବ ଏବଂ ପ୍ରଶାସନିକ ସ୍ତରରେ ପରିବର୍ତ୍ତନ ଦେଖାଦେବ । ଅତଏବ ବନୁ ଉମଇୟା କାଳରେ ଖିଲାଫତ୍‌ ପ୍ରଶାସନିକ ସ୍ତରକୁ ରୂପାନ୍ତରିତ ହୋଇଥିଲା ଏବଂ ସେହି ଉପଦ୍ରବୀ ବିଦ୍ରୋହୀମାନଙ୍କୁ ଏଭଳି ଶାସ୍ତି ମିଳିଲା ଯେ, ସେମାନେ ନିଜର ସମସ୍ତ ଉପଦ୍ରବ ଓ ବିଦ୍ରୋହକୁ ଭୁଲିଗଲେ । ସେ ଯାହା ହେଉ ନା କାହିଁକି ୨୦ ଦିନ ବିତିଯିବା ପରେ ସେହି ଉପଦ୍ରବୀ ବିଦ୍ରୋହୀମାନଙ୍କୁ ଚିନ୍ତା ଘାରିଲା ଯେ, ହ. ଉସ୍‌ମାନ୍‌ ର.ଅଙ୍କ ସଂକ୍ରାନ୍ତରେ ଯଥାଶୀଘ୍ର କୌଣସି ନିଷ୍ପତ୍ତି ନନେଲେ ଅନ୍ୟ ପ୍ରଦେଶରୁ ସୈନ୍ୟଦଳ ଆସି ଆମମାନଙ୍କୁ ଆମମାନଙ୍କର କୁକର୍ମର ଦଣ୍ଡରେ ଦଣ୍ଡିତ କରିବ । ତେଣୁ ସେହି ବିଦ୍ରୋହୀମାନେ ହ. ଉସ୍‌ମାନ୍‌ ର.ଅଙ୍କୁ ଘରୁ ବାହାରକୁ ବାହାରିବାକୁ ଦେଲେ ନାହିଁ ଏବଂ ହ. ଉସ୍‌ମାନ୍‌ ର.ଅଙ୍କର ଖାଦ୍ୟପେୟ ପଦାର୍ଥକୁ ମଧ୍ୟ ହ. ଉସ୍‌ମାନ୍‌ ର.ଅଙ୍କ ଘରକୁ ପହଞ୍ଚିବାକୁ ଦେଲେ ନାହିଁ । ସେମାନେ ଏହା ମନେକଲେ ଯେ, ବୋଧହୁଏ ଏପରି କରିବା ଦ୍ୱାରା ହ. ଉସ୍‌ମାନ୍‌ ର.ଅ ବାଧ୍ୟ ହୋଇ ସେମାନଙ୍କର ଦାବିଗୁଡ଼ିକୁ ଗ୍ରହଣ କରିନେବେ । କିନ୍ତୁ ହ. ଉସ୍‌ମାନ୍‌ ର.ଅ କହିଲେ ଅଲ୍ଲାଃତାଲା ମୋତେ ଯେଉଁ ବସ୍ତ୍ର ପିନ୍ଧାଇଛନ୍ତି ମୁଁ ତାହାକୁ କିପରି ଓହ୍ଲାଇ ପାରିବି ? ସେ ଯାହା ହେଉ ନା କାହିଁକି ମଦିନାର ପ୍ରଶାସନିକ ଦାୟିତ୍ୱ ଏହି ବିଦ୍ରୋହୀଙ୍କ ହସ୍ତରେ ହିଁ ରହିଥିଲା ଏବଂ ସେମାନେ ମିଶରୀୟ ସୈନ୍ୟଦଳ ସହିତ ମିଶି ଗାଫିକିକୁ ନିଜର ନେତା ଚୟନ କରି ନେଇଥିଲେ । ଏହି ଉଦାହରଣରୁ ଏହା ପ୍ରମାଣିତ ହୋଇଗଲା ଯେ, ଉକ୍ତ ଉପଦ୍ରବ ପଛରେ ଏହି ମିଶରୀୟମାନେ ହିଁ ଥିଲେ ଯାହାଙ୍କ ସହିତ ଅବ୍‌ଦୁଲ୍ଲାଃ ବିନ୍‌ ସବା କାମ କରୁଥିଲା । କିନ୍ତୁ ହ. ଉସ୍‌ମାନ୍‌ ର.ଅଙ୍କ ଘରର ଘେରାଉ କରିବା ପରେ ସେହି ଉପଦ୍ରବୀମାନେ ଅନ୍ୟ ଲୋକମାନଙ୍କ ଉପରେ ମଧ୍ୟ କଠୋରତା କରିବାକୁ ଆରମ୍ଭ କରିଦେଲେ । ବର୍ତ୍ତମାନ ମଦିନା ମୁନଓ୍ୱରା ଶାନ୍ତିର ପୀଠ ପରିବର୍ତ୍ତେ ଯୁଦ୍ଧସ୍ଥଳୀ ପାଲଟି ଯାଇଥିଲା । ମଦିନାବାସୀଙ୍କ ସମ୍ମାନ ଏବଂ ଗାରିମା ବିପଦରେ ପଡ଼ି ଯାଇଥିଲା ଏବଂ କୌଣସି ବ୍ୟକ୍ତି ଅସ୍ତ୍ରବିହୀନ ହୋଇ ଘରୁ ବାହାରକୁ ବାହାରୁ ନଥିଲା ଏବଂ ଯେଉଁ ବ୍ୟକ୍ତି ସେମାନଙ୍କର ମୁକାବିଲା କରୁଥିଲା ଏବଂ ବିରୋଧ କରୁଥିଲା ସେହି ବ୍ୟକ୍ତିମାନଙ୍କୁ ଏମାନେ ହତ୍ୟା କରି ଦେଉଥିଲେ । ଯେତେବେଳେ ଏହି ଲୋକମାନେ ହ. ଉସ୍‌ମାନ୍‌ ର.ଅଙ୍କ ଘରର ଘେରାଉ କଲେ ଏବଂ ଗୃହକୁ ଜଳ ଯୋଗାଣ

ବନ୍ଦ କରିଦେଲେ । ସେତେବେଳେ ହ. ଉସ୍‌ମାନ୍ ର.ଅ ନିଜର ଏକ ପଡ଼ୋଶୀ ବାଳକଙ୍କୁ ହ. ଅଲୀ, ତଲ୍‌ହା, ଜ୍ରୁବୈର୍ ଏବଂ ଉମ୍ମୁହାତୁଲ୍ ମୁମିନିନ୍ ଆଡ଼କୁ ପ୍ରେରଣ କଲେ ଏବଂ କହିଲେ ଯେ, ଏହି ଉପଦ୍ରବୀମାନେ ଆମମାନଙ୍କର ଜଳ ଯୋଗାଣ ବ୍ୟବସ୍ଥାକୁ ବନ୍ଦ କରି ଦେଇଛନ୍ତି । ତେଣୁ ଆପଣମାନଙ୍କୁ ନିବେଦନ ଯେ, ଆପଣମାନଙ୍କ ଦ୍ୱାରା ଯାହା ସମ୍ଭବ ହୋଇପାରୁଛି ଆପଣମାନେ ଉଦ୍ୟମ କରି ଆମମାନଙ୍କୁ ଜଳ ଯୋଗାଇ ଦିଅନ୍ତୁ । ପୁରୁଷମାନଙ୍କ ମଧ୍ୟରୁ ହ. ଉସ୍‌ମାନ୍ ର.ଅଙ୍କ ନିକଟକୁ ସର୍ବ ପ୍ରଥମେ ହ. ଅଲୀ ର.ଅ ଆସିଲେ ଏବଂ ସେହି ବିଦ୍ରୋହୀମାନଙ୍କୁ ବୁଝାସୁଝା କଲେ କି ତୁମେମାନେ ଏ କେଉଁ ପ୍ରକାରର ଆଚରଣ ଆବଲମ୍ବନ କରିଛ । ତୁମମାନଙ୍କର ଏଭଳି ଆଚରଣ ନା ବିଶ୍ୱାସକାରୀଙ୍କ ସହିତ ମିଶୁଛ ଓ ନା ହିଁ ଅବିଶ୍ୱାକାରୀଙ୍କ ସହିତ ମିଶୁଛି । ରୋମ୍ ଏବଂ ଇରାନୀୟ ବ୍ୟକ୍ତିମାନ ମଧ ଲୋକଙ୍କୁ ବନ୍ଦୀ କରନ୍ତି ଏବଂ ବନ୍ଦୀମାନଙ୍କୁ ଖାଦ୍ୟ ପେୟ ଦେଇଥାଆନ୍ତି । କିନ୍ତୁ ତୁମମାନଙ୍କର ଏଭଳି ଆଚରଣ ନା ବିଶ୍ୱାସକାରୀଙ୍କ ପରି ଓ ନା ହିଁ ଇସ୍‌ଲାମୀୟ ନୀତି ଅନୁଯାୟୀ । ଅତଏବ ଏପରି ଆଚରଣ କଦାପି ଉଚିତ୍ ବୋଲି ମନେହେଉ ନାହିଁ । ତେଣୁ ତୁମେମାନେ ହ. ଉସ୍‌ମାନ୍‌ଙ୍କ ଘରକୁ ଯାଉଥିବା ଖାଦ୍ୟ ସାମଗ୍ରୀ ଅଟକାଅ ନାହିଁ । ହ. ଉସ୍‌ମାନ୍ ର.ଅ ତୁମମାନଙ୍କର କି ଦୋଷ କରିଛନ୍ତି ଯେ, ତୁମେମାନେ ତାଙ୍କୁ ହତ୍ୟା କରିବା ଏବଂ ବନ୍ଦୀ କରିବାକୁ ଉଚିତ ବୋଲି ମନେକରୁଛ ? ହ. ଅଲୀ ର.ଅଙ୍କ ଉପଦେଶର ସେହି ବିଦ୍ରୋହୀ ଉପଦ୍ରବୀମାନଙ୍କ ଉପରେ କୌଣସି ପ୍ରଭାବ ତ' ପଡ଼ିଲା ନାହିଁ କିନ୍ତୁ ସେମାନେ ସ୍ପଷ୍ଟ ଭାବରେ କହିଦେଲେ ଯେ, ଯାହା ହୋଇଯାଉ ପଛେ ଆମେମାନେ ଏହି ବ୍ୟକ୍ତି ପର୍ଯ୍ୟନ୍ତ କୌଣସି ଖାଦ୍ୟ ପାନୀୟ ପହଞ୍ଚିବାକୁ ଦେବୁ ନାହିଁ । ଏହା ହେଉଛି ସେହି ଉତ୍ତର ଯେଉଁ ଉତ୍ତରକୁ ସେହି ବିଦ୍ରୋହୀମାନେ ଏଭଳି ବ୍ୟକ୍ତିକୁ ଦେଇଥିଲେ ଯେଉଁ ବ୍ୟକ୍ତିକୁ ସେମାନେ ଆଁହଜରତ ସ.ଅଙ୍କ ହିତାଧିକାରୀ ଏବଂ ଉତ୍ତରାଧିକାରୀ ବୋଲି ବିବେଚିତ କରୁଥିଲେ । ଏମାନେ ହ. ଅଲୀ ର.ଅଙ୍କ ସପକ୍ଷରେ ପରା କହୁଥିଲେ ଯେ, ହ. ଅଲୀ ହେଉଛନ୍ତି ଆଁହଜରତ ସ.ଅଙ୍କର ପ୍ରକୃତ ଉତ୍ତରାଧିକାରୀ ।

ପରିଶେଷରେ ହ. ଉସ୍‌ମାନ୍ ର.ଅ ମଧ ଅନୁଭବ କରି ପାରିଲେ ଯେ, ଏହି ଲୋକମାନଙ୍କ ଆଗରେ ବିନମ୍ରତା ପ୍ରଦର୍ଶନ କଲେ ଏମାନେ ଆଉ ମାନିବେ ନାହିଁ । ତେଣୁ ସେ ସମସ୍ତ ପ୍ରଦେଶ ନାଁରେ ଏକ ପତ୍ର ପ୍ରେରଣ କଲେ, ଯେଉଁ ପତ୍ରର ସାରାଂଶ ଏହା ଥିଲା ଯେ, ହ. ଅବୁ ବକ୍କର୍ ର.ଅ ଓ ହ. ଉମର୍ ର.ଅଙ୍କ ପରେ କୌଣସି ବ୍ୟକ୍ତି ଇଚ୍ଛା କିମ୍ବା ଆଗ୍ରହପୂର୍ବକ ମୋତେ ସେହି ଲୋକମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ କରାଯାଇଥିଲା ଯେଉଁ ଲୋକମାନଙ୍କ ଅଧୀନରେ ଖିଲାଫତ୍‌ର ଦାୟିତ୍ୱ ନ୍ୟସ୍ତ ହୋଇଥିଲା । ମୋ ଅନିଚ୍ଛା କିମ୍ବା ପ୍ରଶ୍ନ ସତ୍ତ୍ୱେ ମୁଁ ଖିଲାଫତ୍ ପାଇଁ ନିର୍ବାଚିତ ହେଲି ଏବଂ ଅହରହ ଭାବରେ ସେହି କାର୍ଯ୍ୟ କରୁଥିଲି ଯେଉଁ କାର୍ଯ୍ୟଗୁଡ଼ିକ ମୋ ପୂର୍ବ ଖଲିଫାମାନେ କରୁଥିଲେ ଏବଂ ମୁଁ ମୋ ପକ୍ଷରୁ କୌଣସି ବିଦ୍‌ଅତ୍ (ନୂତନ ଆହୃତ ରୀତି) ବାହାର କରି ନାହିଁ । ବରଂ କେତେକ ଲୋକମାନଙ୍କ ମନରେ ମନ୍ଦତାର ବୀଜ ବପନ କରାଗଲା ଏବଂ ଦୁଷ୍ଟତା ବସା ବାନ୍ଧିନେଲା ଏବଂ ସେମାନେ ମୋ ବିରୁଦ୍ଧରେ ଷଡ଼ଯନ୍ତ୍ର କରିବାକୁ ଆରମ୍ଭ କରିଦେଲେ । ସେମାନେ ଲୋକମାନଙ୍କ ସମ୍ମୁଖରେ ଗୋଟିଏ କଥା ପ୍ରକାଶ କଲେ ଏବଂ ମନରେ ଆଉ ଗୋଟେ କଥା ରଖିଲେ । ସେମାନେ ମୋ ଉପରେ ସେହି ପ୍ରକାର ଲାଞ୍ଛନ ଲାଗାଇବା ଆରମ୍ଭ କରିଦେଲେ ଯେଉଁ ପ୍ରକାର ଲାଞ୍ଛନ ସେମାନେ ମୋ ପୂର୍ବ ଖଲିଫାଙ୍କ ଉପରେ ଲଗାଇଥିଲେ । ଅର୍ଥାତ ବିଦ୍‌ଅତ୍ । କିନ୍ତୁ ମୁଁ ଏହିସବୁ ଲାଞ୍ଛନକୁ ଜାଣିବା ସତ୍ତ୍ୱେ ନୀରବ ରହିଲି ଏବଂ ଏହି ଲୋକମାନେ ମୋ ଦୟାର ଅବୈଧ ଲାଭ ଉଠାଇ ଦୁଷ୍ଟତାରେ ଆହୁରି ଆଗକୁ ବଢି ଯାଇଥିଲେ । ପରିଶେଷରେ କୁଫ୍ଫାର୍‌ମାନଙ୍କ ପରି ସେମାନେ ମଦିନା ଉପରେ ଆକ୍ରମଣ କରିଦେଲେ । ଅତଏବ ଆଜି ଯଦି ଲୋକମାନେ କିଛି କିରପାରିବେ ତାହାହେଲେ ସାହାଯ୍ୟ ବ୍ୟବସ୍ଥା ଅବଶ୍ୟ କରନ୍ତୁ। ସେହିପରି ଅନ୍ୟ ଏକ ପତ୍ରରେ ହଜ୍‌କୁ ଆସୁଥିବା ହଜ୍ ଯାତ୍ରୀଙ୍କ ନାଁରେ ହ. ଉସ୍‌ମାନ୍ ଏକ ପତ୍ର ଲେଖିଥିଲେ । ଏହି ହଜ୍‌ର ଯାତ୍ରୀମାନେ କିଛିଦିନ ପରେ ମକ୍କାକୁ ହଜ୍ ପାଇଁ ଯାଇ ଥାଆନ୍ତେ, ସେହି ହଜ୍ ଯାତ୍ରୀଙ୍କ ନାଁରେ ଆପଣ ଉକ୍ତ ପତ୍ରଟି ଲେଖିଥିଲେ ଯେଉଁ ପତ୍ରର ସାରାଂଶ ଏହା ଥିଲା ଯେ, ମୁଁ ଆପଣମାନଙ୍କୁ ଅଲ୍ଲାଃତାଲା ଆଡ଼କୁ ଦୃଷ୍ଟି ଆକର୍ଷଣ କରୁଛି ଏବଂ ତାହାଙ୍କ ପୁରସ୍କାର ସଂପର୍କରେ ସ୍ମରଣ କରାଇ ଦେଉଛି । ବର୍ତ୍ତମାନ କେତେକ ଲୋକମାନେ ଉପଦ୍ରବ କରୁଛନ୍ତି ଏବଂ ଇସ୍‌ଲାମ୍ ମଧ୍ୟରେ ମତଭେଦ ସୃଷ୍ଟି କରିବା ପାଇଁ ଆପ୍ରାଣ ଉଦ୍ୟମରତ । କିନ୍ତୁ ସେହି ଉପଦ୍ରବକାରୀମାନେ ଏହା ଭାବିଲେ ନାହିଁ ଯେ, ଖଲିଫା ଅଲ୍ଲାଃତାଲା କରିଥାନ୍ତି । କୌଣସି ସଂପ୍ରଦାୟ ବିନା ଅଧିପତିରେ ଉନ୍ନତି କରିପାରିବ ନାହିଁ । ଯଦି ଜମାଅତ୍‌ର କେହି ଇମାମ୍ ନ ରହନ୍ତି ତେବେ ସମସ୍ତ ଜମାଅତ୍‌ର ବିନାଶ ଘଟିବ । ଏହି ଉପଦ୍ରବୀମାନେ ଇସ୍‌ଲାମୀୟ ସଂପ୍ରଦାୟକୁ ଧ୍ୱଂସ ତଥା ବିନାଶ କରିଦେବାକୁ ଚାହାନ୍ତି । ଏତେ କଥା ଶୁଣିବା ସତ୍ତ୍ୱେ ମଧ ସେମାନେ ଦୁଷ୍ଟତାକୁ ପରିତ୍ୟାଗ କଲେ ନାହିଁ । ବର୍ତ୍ତମାନ ଏହି ଉପଦ୍ରବୀମାନେ ତିନୋଟି କଥାରୁ ଗୋଟିଏ କଥାର ଦାବି କରୁଛନ୍ତି । ସେମାନଙ୍କର ସେହି ତିନୋଟି ଦାବି ଗୁଡ଼ିକ ହେଲା- ପ୍ରଥମତଃ ଯେଉଁ ଲୋକମାନଙ୍କୁ ମୋ ଶାସନରେ କୌଣସି କାରଣ ବଶତଃ ଶାସ୍ତି ମିଳିଛି ସେହି ସମସ୍ତ ବ୍ୟକ୍ତିଙ୍କର ଶାସ୍ତି ମୋ ଠାରୁ ନିଆଯାଉ । ଯଦି ମୁଁ ଏ କଥାକୁ ସ୍ୱୀକାର ନକରେ ତାହାହେଲେ ମୁଁ ଖିଲାଫତ୍‌କୁ ତ୍ୟାଗ କରିଦେବି । ଅତଏବ ମୁଁ ଯଦି ପ୍ରତିଶୋଧପରାୟଣ ହୋଇ ଶାସ୍ତି ନନିଏ ତାହାହେଲେ ମୁଁ ଖିଲାଫତ୍ ପଦବୀ ତ୍ୟାଗ କରିଦେବି

ଏବଂ ଏହି ଉପଦ୍ରବୀମାନେ ମୋ ସ୍ଥାନରେ ଅନ୍ୟ ବ୍ୟକ୍ତିକୁ ନିଯୁକ୍ତ କରିଦିଅନ୍ତୁ । ମୁଁ ଯଦି ଏହି କଥା ନ ମାନେ ତେବେ ଏହି ବିଦ୍ରୋହୀମାନେ ମୋତେ ଧମକପୂର୍ବକ କହନ୍ତି ଯେ, ସେମାନେ ନିଜ ପରି ଚିନ୍ତାଧାରା ରଖୁଥିବା ବ୍ୟକ୍ତିମାନଙ୍କୁ ବାର୍ତ୍ତା ପ୍ରେରଣ କରିବେ ଯେ, ସେମାନେ ମୋର ଆଜ୍ଞା ପାଳନ କରିବାରୁ ଓହରି ଯାଆନ୍ତୁ ।

ଅତଏବ **ପ୍ରଥମ** କଥାର ଉତ୍ତର ଏହିକି ଯେ, ମୁଁ ଯଦି ସେହି ଉପଦ୍ରବୀ ବିଦ୍ରୋହୀଙ୍କ କଥାକୁ ସ୍ୱୀକାର ନକରି ସେମାନଙ୍କୁ ଶାସ୍ତି ଦେଇଛି ତାହାହେଲେ ସେମାନେ ମୋ ଆଜ୍ଞାବହତାରୁ ଓହରିଯିବେ ଏବଂ ମୋତେ ପଦଚ୍ୟୁତ କରିବେ ଓ ମୋତେ ଦୃଷ୍ଟାନ୍ତମୂଳକ ଶାସ୍ତି ଦେବ । ଅତଏବ ହ. ଉସ୍ମାନ୍ ର.ଅ କହନ୍ତି ମୋ ପୂର୍ବରୁ ମଧ୍ୟ ଖଲିଫାମାନେ ନିଷ୍ପତ୍ତି ନେବାରେ ତ୍ରୁଟି କରିଥିଲେ । କିନ୍ତୁ ସେମାନଙ୍କ ପ୍ରତି କୌଣସି ଦଣ୍ଡ ବିଧାନ କରାଯାଇ ନାହିଁ ? ତେବେ ମୋ ଉପରେ ଦଣ୍ଡ ବିଧାନ ଲାଗୁ କରିବାର ଅର୍ଥ ମୋତେ ମାରିବା ଛଡ଼ା ଅନ୍ୟ କିଛି ନୁହେଁ । ଏହି ସମସ୍ତ କଥାର ସାରମର୍ମ କେବଳ ଏତିକି ଯେ, ତୁମେମାନେ ମୋତେ ମାରିବାକୁ ଚାହୁଁଛ । **ଦ୍ୱିତୀୟତଃ** ତୁମେମାନେ ମୋତେ ଖିଲାଫତରୁ ପଦ୍ୟଚ୍ୟୁତ କରିବାର ଯେଉଁ ଦାବି କରୁଛ ସେହି ବିଦ୍ରୋହୀଙ୍କୁ ମୋର ଉତ୍ତର ଏହା ଯେ, ମୁଁ ଏହି କଥାକୁ ଅଧିକ ଶ୍ରେୟସ୍କର ବୋଲି ମନେ କରିବି ଯେ, ସେମାନେ ଚର୍ମରୁ କେଶ ଉପାଡ଼ି ମୋର ମାଂସକୁ ଖଣ୍ଡ ବିଖଣ୍ଡିତ କରି ଦିଅନ୍ତୁ ପଛେ । କିନ୍ତୁ ଅଲ୍ଲାଃତାଲା ମୋତେ ଯେଉଁ ବସ୍ତ୍ର ପିନ୍ଧାଇଛନ୍ତି (ଅର୍ଥାତ ଖିଲାଫତ୍) ମୁଁ ଏହି ବସ୍ତ୍ରକୁ କଦାପି ଓହ୍ଲାଇବି ନାହିଁ । **ତୃତୀୟ** କଥା ଏହିକି ଯେ, ହ. ଉସ୍ମାନ୍ ର.ଅ କହିଲେ ଏହାପରେ ବିଦ୍ରୋହୀମାନେ ନିଜ ଲୋକଙ୍କୁ ଚତୁର୍ଦ୍ଦିଗକୁ ପ୍ରେରଣ କରିବେ ଏବଂ ଲୋକମାନଙ୍କୁ ପ୍ରବର୍ତ୍ତାଇବେ ଯେ, ସେମାନେ ମୋ କଥା ଏବଂ ଆଜ୍ଞା ପାଳନ କରନ୍ତୁ ନାହିଁ । ତେଣୁ ମୁଁ ଅଲ୍ଲାଃତାଲାଙ୍କ ପକ୍ଷରୁ ଏଭଳି କଥା ପାଇଁ ଦାୟି ରହିବି ନାହିଁ । ଅତଏବ ଯେଉଁ ବ୍ୟକ୍ତି ବୈଅତ୍‌କୁ ଭଙ୍ଗ କରିବାକୁ ଇଚ୍ଛୁକ ତାହାହେଲେ ମୁଁ ଏଭଳି ବ୍ୟକ୍ତିର ଆଚରଣରୁ ସନ୍ତୁଷ୍ଟ ନୁହେଁ ଏବଂ ଅଲ୍ଲାଃତାଲା ମଧ୍ୟ ସେହି ବ୍ୟକ୍ତି ଉପରେ ପ୍ରସନ୍ନ ନୁହନ୍ତି । ଯଦି ତୁମେମାନେ ବୈଅତ୍ ଭଙ୍ଗ କରିବାକୁ ଚାହୁଁଛ ତାହାହେଲେ ତୁମେ ଅବଶ୍ୟ ବୈଅତ୍ ଭଙ୍ଗ କରିପାର । ମୋର ସେଥିରେ କିଛି ଆପତ୍ତି ନାହିଁ । ନା ମୁଁ ତୁମମାନଙ୍କୁ ପୂର୍ବେ ବାଧ୍ୟ କରିଥିଲି ଓ ନା ବର୍ତ୍ତମାନ ମୁଁ ତୁମମାନଙ୍କୁ ଏଥି ନିମନ୍ତେ ବାଧ୍ୟ କରୁଛି । ସେ ଯାହା ହେଉ ନା କାହିଁକି ଏପରି କରିବା ସଠିକ ନୁହଁ ଏବଂ ଅଲ୍ଲାଃତାଲା ମଧ୍ୟ ଏଥିରେ ପ୍ରସନ୍ନ ନାହାନ୍ତି । କାରଣ ହଜ୍‌ର ଦିନ ପାଖେଇ ଆସୁଥିଲା ଏବଂ ଚତୁର୍ଦ୍ଦିଗରୁ ଲୋକମାନେ ପବିତ୍ର ମକ୍କା ମୁକର୍ରମା ଭୂମିରେ ଏକତ୍ରିତ ହେଉଥିଲେ । ହ. ଉସ୍ମାନ୍ ଏହି କଥାକୁ ଦୃଷ୍ଟିରେ ରଖି ଯେ, ଏହି ଉପଦ୍ରବୀ ବିଦ୍ରୋହୀମାନେ ସେଠାରେ ଅର୍ଥାତ ମକ୍କାରେ ଯେପରି କୌଣସି ଉପଦ୍ରବ ସୃଷ୍ଟି ନ କରନ୍ତୁ । ଉକ୍ତ ଚର୍ଚ୍ଚିତ ପତ୍ରଟିକୁ ହ. ଉସ୍ମାନ୍ ର.ଅ ଅବ୍‌ଦୁଲ୍ଲାଃ ବିନ୍ ଅବ୍‌ବାସ୍ ର.ଅଙ୍କ ହସ୍ତରେ ପ୍ରେରଣ କରିଥିଲେ । କିନ୍ତୁ ହ. ଉସ୍ମାନ୍ ର.ଅ ତାଙ୍କୁ ବାଧ୍ୟ କଲେ ଯେ, ସେ ହଜ୍‌କୁ ଯାଆନ୍ତୁ ଏବଂ ହଜ୍ ଦିନରେ ଅମୀର୍‌ର ଦାୟିତ୍ୱ ନିର୍ବାହ କରନ୍ତୁ । କାରଣ ଉପଦ୍ରବୀମାନେ ସେଠାରେ ଯେପରି ନିଜର ଦୃଷ୍ଟତାର ପ୍ରଚାର ପ୍ରସାର ନ କରନ୍ତୁ। ହଜ୍‌ରେ ଉପସ୍ଥିତ ଥିବା ଲୋକମାନେ ମଦିନାବାସୀଙ୍କୁ ସାହାଯ୍ୟ କରିବା ଲାଗି ଆହ୍ୱାନ ଦିଆଯାଉ ଏବଂ ଉକ୍ତ ଚର୍ଚ୍ଚିତ ପତ୍ରଟିକୁ ହ. ଉସ୍ମାନ୍ ର.ଅ ଅବ୍‌ଦୁଲ୍ଲାଃ ବିନ୍ ଅବ୍‌ବାସ୍ ର.ଅଙ୍କ ହସ୍ତରେ ପ୍ରେରଣ କରିଥିଲେ । ଯେତେବେଳେ ଉକ୍ତ ପତ୍ର ସମ୍ପର୍କରେ ଉପଦ୍ରବୀମାନଙ୍କୁ ଜ୍ଞାତ ହେଲା ସେତେବେଳେ ସେମାନେ ହ. ଉସ୍ମାନ୍ ର.ଅଙ୍କ ପ୍ରତି ଆହୁରି କଠୋରତା ଅବଲମ୍ବନ କଲେ । ସେମାନେ ଏହି ଅବସରକୁ ଖୋଜୁଥିଲେ ଯେ, ଯୁଦ୍ଧ କରିବାର ସେମାନଙ୍କୁ କୌଣସି ସୁଯୋଗ ମିଳିଯାଆନ୍ତା ତାହାହେଲେ ସେମାନେ ହ. ଉସ୍ମାନ୍ ର.ଅଙ୍କୁ ଅବଶ୍ୟ ଶହୀଦ୍ କରିଦେବେ । କିନ୍ତୁ ସେମାନଙ୍କର ସମସ୍ତ ଉଦ୍ୟମ ବ୍ୟର୍ଥ ହୋଇଥିଲା ଏବଂ ହ. ଉସ୍ମାନ୍ ର.ଅ ସେହି ଉପଦ୍ରବୀମାନଙ୍କୁ ଦୃଷ୍ଟତାର କୌଣସି ସୁଯୋଗ ମଧ୍ୟ ଦେଉ ନଥିଲେ । ପରିଶେଷରେ ସେମାନେ ଅତିଷ୍ଠ ଏବଂ ଉତ୍‌କ୍ଷିପ୍ତ ହୋଇ ଯାଇ ଏହି ଉପାୟ ପାଞ୍ଚିଥିଲେ ଯେ, ଯେତେବେଳେ ରାତ୍ରି ହୋଇ ଯାଉଥିଲା ଏବଂ ଲୋକମାନେ ଶୋଇ ଯାଉଥିଲେ ସେତେବେଳେ ସେମାନେ ହ. ଉସ୍ମାନ୍ ର.ଅଙ୍କ ଘରେ ପଥର ଫିଙ୍ଗୁଥିଲେ । ଏହିପରି ଭାବରେ ସେମାନେ ହ. ଉସ୍ମାନ୍ ର.ଅଙ୍କ ପରିବାରବର୍ଗଙ୍କୁ ଉତ୍ତେଜିତ କରୁଥିଲେ କି ହ. ଉସ୍ମାନ୍ ର.ଅଙ୍କ ପରିବାର ଉତ୍ତେଜିତ ହୋଇ ପାଲଟା ପଥର ଫିଙ୍ଗନ୍ତୁ । ସେହି ବିଦ୍ରୋହୀମାନେ ଲୋକମାନଙ୍କୁ ଏହା କହି ପାରିବେ ଯେ, ହେଇ ଦେଖ ଲୋକମାନେ ! ହ. ଉସ୍ମାନ୍ ର.ଅଙ୍କ ପରିବାରବର୍ଗ ଆମମାନଙ୍କ ଉପରକୁ ପଥର ଦ୍ୱାରା ଆକ୍ରମଣ କରିଛନ୍ତି । ଏଣୁ ଆମେମାନେ ମଧ୍ୟ ଜବାବରେ ଏହି ପଥର ଫିଙ୍ଗିବାକୁ ବାଧ୍ୟ ହୋଇଛୁ । ହ. ଉସ୍ମାନ୍ ର.ଅ କିନ୍ତୁ ନିଜର ସମସ୍ତ ପରିବାରବର୍ଗଙ୍କୁ ଜବାବ ନଦେବା ପାଇଁ ଅର୍ଥାତ ପଥର ନଫିଙ୍ଗିବା ପାଇଁ କହିଥିଲେ । ସେ ଯାହା ହେଉ ନା କାହିଁକି ସାହାବାମାନଙ୍କୁ ବର୍ତ୍ତମାନ ହ. ଉସମାନ୍ ର.ଅଙ୍କ ନିକଟରେ ଏକତ୍ରିତ ହେବାକୁ ଦିଆଯାଉ ନଥିଲା । କିନ୍ତୁ ଏହା ସତ୍ତ୍ୱେ ବି ସେମାନେ କିଂକର୍ତ୍ତବ୍ୟ ବିମୂଢ଼ ହୋଇ ନଥିଲେ (ଅର୍ଥାତ ନିଜର କର୍ତ୍ତବ୍ୟରୁ କେବେହେଲେ ବିମୁଖତା ପ୍ରଦର୍ଶନ କରି ନଥିଲେ) । ବରଂ ପରିସ୍ଥିତି ସାପେକ୍ଷ ସେମାନେ ଦୁଇ ଭାଗରେ ନିଜର କାର୍ଯ୍ୟକୁ ବିଭକ୍ତ କରିଥିଲେ । ଯେଉଁମାନେ ବୟସ୍କ ବ୍ୟକ୍ତି ଥିଲେ ଏବଂ ଯେଉଁମାନଙ୍କର ଚାରିତ୍ରିକ ପ୍ରଭାବ ଜନସାଧାରଣଙ୍କ ଉପରେ ଅଧିକ ରହିଥିଲା ସେମାନେ ନିଜର ସମୟକୁ

ଲୋକମାନଙ୍କୁ ବୁଝାଇବାରେ ଅତିବାହିତ କରୁଥିଲେ । ସେହିପରି ଯେଉଁ ଲୋକମାନେ ପ୍ରଭାବଶାଳୀ ନଥିଲେ କିମ୍ବା ଯୁବକ ଥିଲେ ସେମାନେ ହ. ଉସ୍‌ମାନ୍ ର.ଅଙ୍କ ସୁରକ୍ଷା ଦାୟିତ୍ୱରେ ନିୟୋଜିତ ହୋଇଥିଲେ । ହ. ଉସ୍‌ମାନ୍ ର.ଅ ଜାଣିଥିଲେ ଯେ, ଏହିଭଳି ଏକ ଘଡ଼ିସନ୍ଧି କ୍ଷଣରେ ଇସ୍‌ଲାମ୍‌ର ସୁରକ୍ଷା ଏବଂ ତାହାର ସ୍ଥାପନ ନିମନ୍ତେ ଜଣେ ସାହାବିଙ୍କର ଆବଶ୍ୟକତା ପଡ଼ିବ। ହ. ଉସ୍‌ମାନ୍ ର.ଅ ଏହା ଜାଣି ନଥିଲେ ଯେ, ତାଙ୍କୁ ରକ୍ଷା କରିବାକୁ ଯାଇ ସାହାବାମାନଙ୍କୁ ନିଜର ପ୍ରାଣବଳୀ ମଧ୍ଯ ଦେବାକୁ ପଡ଼ିବ । ହ. ଉସ୍‌ମାନ୍ ର.ଅ ସମସ୍ତଙ୍କୁ ଏହି ଉପଦେଶ ଦେଉଥିଲେ ଯେ, ସେହି ବିଦ୍ରୋହୀମାନଙ୍କ ସହିତ ଯୁଦ୍ଧ କର ନାହିଁ । ହ. ଉସ୍‌ମାନ୍ ର.ଅ ଚାହୁଁଥିଲେ ଯେ, ଯେତେଦୂର ସମ୍ଭବ ହୋଇପାରୁଛି ସେତେଦୂର ପର୍ଯ୍ୟନ୍ତ ଆଗାମୀ ଉପଦ୍ରବକୁ ଦୂରୀଭୂତ କରିବା ପାଇଁ ସେହି ଜମାଅତ୍ ସୁରକ୍ଷିତ ରହୁ, ଯେଉଁ ଜମାଅତ୍‌କୁ ଆଁହଜ଼ରତ ସ.ଅଙ୍କର ସାହଚର୍ଯ୍ୟତା ଲାଭ ହୋଇଥିଲା । ପରିଶେଷରେ ସେହି ସମୟଟି ମଧ୍ୟ ଆସିଗଲା ଯେତେବେଳେ ବିଦ୍ରୋହୀମାନେ ହ. ଉସ୍‌ମାନ୍ ର.ଅଙ୍କ ଉପରକୁ ଆକ୍ରମଣ କରିବା ପାଇଁ ଅଧିକ ସମୟ ଅପେକ୍ଷା କଲେ ନାହିଁ । କାରଣ ହ. ଉସ୍‌ମାନ୍ ର.ଅ ହଜ୍ ଅବସରରେ ଏକତ୍ରିତ ହୋଇଥିବା ମୁସଲମାନମାନଙ୍କୁ ଏକ କୋହଭରା ବାର୍ତ୍ତା ଶୁଣାଇଥିଲେ ଏବଂ ମକ୍କା ଘାଟିର ଗୋଟିଏ ପାର୍ଶ୍ୱରୁ ଅନ୍ୟ ପାର୍ଶ୍ୱ ପର୍ଯ୍ୟନ୍ତ ଏହି ବାର୍ତ୍ତାର ପ୍ରତିଧ୍ୱନି ଗୁଞ୍ଜରିତ ହେଉଥିଲା । ଅତଏବ ହଜ୍‌ରେ ଏକତ୍ରିତ ହୋଇଥିବା ମୁସଲମାନମାନେ ଏହି ନିଷ୍ପତ୍ତି ନେଲେ ଯେ, ସେମାନେ ହଜ୍ ପରେ ଜିହାଦ୍‌ର ପୁଣ୍ୟରୁ ବଞ୍ଚିତ ରହିବେ ନାହିଁ। ସେହି ହଜ୍ ତୀର୍ଥଯାତ୍ରୀମାନେ ମିଶରୀୟ ଉପଦ୍ରବକାରୀ ଓ ସେମାନଙ୍କ ସାଥିମାନଙ୍କର ମୂଳୋତ୍ପାଟନ ଘଟାଇବେ । ଉପଦ୍ରବକାରୀଙ୍କ ଗୁପ୍ତଚରମାନେ ସେମାନଙ୍କୁ ମୁସଲମାନମାନଙ୍କର ଉକ୍ତ ଯୋଜନା ସଂପର୍କରେ ଅବଗତ କରାଇଦେଲେ । ବର୍ତ୍ତମାନ ଉପଦ୍ରବକାରୀ ବିଦ୍ରୋହୀମାନଙ୍କ ଶିବିରରେ ଅତ୍ୟନ୍ତ ଅଧୀରତା ଏବଂ ବ୍ୟାକୁଳତାର ଲକ୍ଷଣ ଦୃଶ୍ୟମାନ ହେଉଥିଲା । ଏପର୍ଯ୍ୟନ୍ତକି ସେମାନେ ପରସ୍ପର ମଧ୍ୟରେ କଥାବାର୍ତ୍ତା ହେବାକୁ ଲାଗିଲେ ଯେ, ବର୍ତ୍ତମାନ ଆମମାନଙ୍କ ନିକଟରେ ସେହି ବ୍ୟକ୍ତିର ହତ୍ୟା ଛଡ଼ା ଅନ୍ୟ କୌଣସି ଉପାୟ ନାହିଁ । ଯଦି ଆମେ ହ. ଉସ୍‌ମାନ୍ ର.ଅଙ୍କୁ ହତ୍ୟା ନକଲୁ ତାହାହେଲେ ମୁସଲମାନମାନଙ୍କ ହାତରେ ଆମମାନଙ୍କର ନିହତ ହେବା ସୁନିଶ୍ଚିତ, ଏଥିରେ ସନ୍ଦେହର କୌଣସି ଅବକାଶ ନାହିଁ । ପରିଶେଷରେ ସେହି ବିଦ୍ରୋହୀମାନେ ହ. ଉସ୍‌ମାନ୍ ର.ଅଙ୍କ ଘର ଉପରେ ଆକ୍ରମଣ କରି ବଳପୂର୍ବକ ପ୍ରବେଶ କରିବାକୁ ଉଦ୍ୟମ କରିବାକୁ ଚାହିଁଲେ । ଉପଦ୍ରବକାରୀ ଓ ସହାବାମାନଙ୍କ ମଧ୍ୟରେ ଘୋର ଯୁଦ୍ଧ ହୋଇଥିଲା । ଯେତେବେଳେ ହ. ଉସ୍‌ମାନ୍ ର.ଅଙ୍କୁ ଉକ୍ତ ଯୁଦ୍ଧ ସଂପର୍କରେ ସୂଚନା ମିଳିଲା ସେତେବେଳେ ଆପଣ ସାହାବାମାନଙ୍କୁ ଯୁଦ୍ଧ କରିବାକୁ ବାରଣ କଲେ । ସାହାବାମାନେ ସେତେବେଳେ ହ. ଉସ୍‌ମାନ୍ ର.ଅଙ୍କୁ ଏକୁଟିଆ ଛାଡ଼ି ଦେବାକୁ ବିଶ୍ୱାସ ବିରୁଦ୍ଧ ଏବଂ ଆଜ୍ଞାବହତାର ଆଦେଶ ବିରୁଦ୍ଧୀୟ ବୋଲି ମନେ କରିଥିଲେ । ହ. ଉସ୍‌ମାନ୍ ର.ଅ ସାହାବାମାନଙ୍କୁ ଈଶ୍ୱରଙ୍କ ଦ୍ୱାହି ଦେବା ସତ୍ତ୍ୱେ ସାହାବାମାନେ କିନ୍ତୁ ଫେରିବାକୁ ଅସ୍ୱୀକାର କରିଦେଲେ । ପରିଶେଷରେ ହ. ଉସ୍‌ମାନ୍ ର.ଅ ହାତରେ ଢାଲ ଧରି ବାହାରକୁ ବାହାରି ଆସିଲେ ଏବଂ ସାହାବାମାନଙ୍କୁ ନିଜ ଘର ମଧ୍ୟକୁ ନେଇ ଆସିଲେ ଏବଂ କବାଟ କିଳି ଦେଲେ । ହ. ଉସ୍‌ମାନ୍ ର.ଅ ସମସ୍ତ ସହାବାମାନଙ୍କୁ ଏବଂ ତାଙ୍କର ସହାୟକମାନଙ୍କୁ ୱସିୟତ୍ କଲେ ଏବଂ କହିଲେ ତୁମେମାନେ ସମସ୍ତେ ମୋ ଘରୁ ବାହାରକୁ ଚାଲିଯାଅ ଏବଂ ସେହି ସାହାବାମାନଙ୍କୁ ଡ଼ାକ ଯେଉଁ ସହାବାମାନଙ୍କୁ ମୋ ପର୍ଯ୍ୟନ୍ତ ପହଞ୍ଚିବାକୁ ଦିଆଯାଇ ନାହିଁ । ଯେତେବେଳେ ଲୋକମାନେ ଏକତ୍ରିତ ହୋଇଗଲେ ସେତେବେଳେ ହ. ଉସ୍‌ମାନ୍ ର.ଅ ଘରର କାନ୍ଥ ଉପରେ ଚଢିଗଲେ ଏବଂ କହିଲେ ମୋ ନିକଟକୁ ପାଖେଇ ଆସ । ଯେତେବେଳେ ସମସ୍ତ ସାହାବାମାନେ ପାଖେଇ ଆସିଲେ ସେତେବେଳେ କହିଲେ ହେ ଲୋକମାନେ ! ବସିଯାଅ । ଅତଏବ ସାହାବାମାନଙ୍କର ଏହି ସଭାକୁ ଦେଖି ବିଦ୍ରୋହୀଙ୍କ ଉପରେ ମଧ୍ୟ ଭୟଙ୍କର ପ୍ରଭାବ ପଡ଼ିଥିଲା ଏବଂ ସେମାନେ ମଧ୍ୟ ହ. ଉସ୍‌ମାନ୍ ର.ଅଙ୍କ କଥା ଶୁଣି ବସି ପଡ଼ିଲେ। ଯେତେବେଳେ ସମସ୍ତେ ବସି ପଡ଼ିଲେ ସେତେବେଳେ ହ. ଉସ୍‌ମାନ୍ ର.ଅ କହିଲେ: ହେ ମଦିନାବାସୀ ! ମୁଁ ତୁମକୁ ଅଲ୍ଲାଃତାଲାଙ୍କୁ ହସ୍ତାନ୍ତର କରୁଛି ଏବଂ ଅଲ୍ଲାଃତାଲାଙ୍କ ନିକଟରେ ଏହି ପ୍ରାର୍ଥନା କରୁଛି ଯେ, ସେ ମୋ ପରେ ତୁମମାନଙ୍କ ପାଇଁ ଖିଲାଫତ୍‌ର ସର୍ବୋତ୍ତମ ବ୍ୟବସ୍ଥା କରିଦେବେ । ଆଜି ପରେ ଅଲ୍ଲାଃତାଲା ଯେପର୍ଯ୍ୟନ୍ତ ମୋ ସଂକ୍ରାନ୍ତରେ କୌଣସି ନିଷ୍ପତ୍ତି କରି ନାହାନ୍ତି ସେପର୍ଯ୍ୟନ୍ତ ମୁଁ ବାହାରକୁ ବାହାରିବି ନାହିଁ । ମୁଁ କୌଣସି ବ୍ୟକ୍ତିକୁ ଏପରି କୌଣସି ଦାୟିତ୍ୱ ହସ୍ତାନ୍ତର କରିଯିବି ନାହିଁ, ଯେଉଁ କ୍ଷମତା ବଳରେ ସେ ସଂସାରରେ ତୁମମାନଙ୍କ ଉପରେ ଶାସନ କରିବ । ମୁଁ ଏହି ସମସ୍ତ ପ୍ରସଙ୍ଗକୁ ଅଲ୍ଲାଃତାଲାଙ୍କ ଉପରେ ନ୍ୟସ୍ତ କରି ଦେଉଛି, ସେ ଯାହାକୁ ଚାହିଁବେ ନିଜ କାମ ପାଇଁ ପସନ୍ଦ କରିବେ । ଏହାପରେ ହ. ଉସ୍‌ମାନ୍ ର.ଅ ସାହାବାମାନଙ୍କୁ ଏବଂ ଅନ୍ୟାନ୍ୟ ମଦିନାବାସୀଙ୍କୁ ଶପଥ ନେବା ପାଇଁ କହିଲେ ଯେ, ସେମାନେ ହ. ଉସ୍‌ମାନ୍ ର.ଅଙ୍କୁ ସୁରକ୍ଷା ପ୍ରଦାନ କରି ନିଜ ଜୀବନକୁ ବିପଦ ମୁଖକୁ ଠେଲି ନ ଦିଅନ୍ତୁ ବରଂ ସେମାନେ ନିଜ ନିଜ ଘରକୁ ଫେରି ଯାଆନ୍ତୁ । କିନ୍ତୁ ହ. ଉସ୍‌ମାନ୍ ର.ଅଙ୍କ ଏହି ଆଦେଶ ସତ୍ତ୍ୱେ ହ. ଅଲୀ, ହ. ତଲ୍‌ହା, ହ. ଜୁବୈର୍ ଏବଂ ତାଙ୍କର ଦୁଇ ସୁପୁତ୍ର ନିଜ ପିତାଙ୍କ

ଆଦେଶାନୁଯାୟୀ ହ. ଉସ୍‌ମାନ୍ ର.ଅଙ୍କ ଘର ବାରଣ୍ଡାର ମୁଖ ଦ୍ୱାରା ସମ୍ମୁଖରେ ବସି ରହିଲେ ଏବଂ ନିଜର ଖଡ଼୍‌ଗକୁ ଖଡ଼୍‌ଗ ଖୋଳ ମଧ୍ୟରେ ପୁରାଇଲେ ନାହିଁ ।

ହୁଜୁର ଅନୱର୍ ଅ.ବ ପାକିସ୍ତାନ, ଉପଦ୍ୱୀପର ଅହେମଦିମାନଙ୍କ ପାଇଁ ଦୁଆ କରିବାକୁ ଆହ୍ୱାନ ଦେଲେ । ଖୁତ୍‌ବାର ଶେଷରେ ହୁଜୁର ଅନୱର ଅ.ବ କହିଲେ: ବର୍ତ୍ତମାନ ମୁଁ କେତେକ ମୃତକଙ୍କ ବିଷୟରେ ଚର୍ଚ୍ଚା କରିବାକୁ ଚାହୁଁଛି ଯେଉଁମାନଙ୍କର ବିଗତ ଦିନରେ ମୃତ୍ୟୁ ଘଟିଛି ଏବଂ ନମାଜ ଜୁମା ପରେ ଏହି ମୃତକମାନଙ୍କର ନମାଜ଼ ଯନାଜାଃ ପଢେଇବି । ତନ୍ମଧ୍ୟରୁ ସର୍ବ **ପ୍ରଥମ** ବ୍ୟକ୍ତି ହେଉଛନ୍ତି ସମ୍ମାନନୀୟ ସ୍ୱର୍ଗତ ମୁହମ୍ମଦ୍ ନଜିବ୍ ଖାନ୍ ସାହେବ । ସେ କ୍ୱାଦିୟାନର ଦାୱତେ ଇଲଲ୍ଲାଃ ଜୁନିବି ହିନ୍ଦର ନାଏବ ନାଜ଼ିର (ଉପାଧ୍ୟକ୍ଷ) ଥିଲେ । ଦ୍ୱିତୀୟ ନଜିର୍ ଅହେମଦ୍ ଖାଦିମ୍ ସାହେବ, ଘାନାର ସମ୍ମାନନୀୟ ସ୍ୱର୍ଗତ ଅଲହାଜ୍ ଡ଼ାକ୍ତର ନାନା ମୁସ୍ତଫା ଏଟି ବାଟିଙ୍ଗ୍ ସାହେବ, ରବ୍‌ୱାର ସମ୍ମାନନୀୟ ସ୍ୱର୍ଗତ ଗୁଲାମ୍ ନବୀ ସାହେବ ଇବ୍‌ନ ଫଜଲ୍ ଦିନ୍ ସାହେବଙ୍କ ସୁଗୁଣାବଳୀର ଚର୍ଚ୍ଚା କଲେ ଏବଂ ନମାଜ଼ ଜୁମା ପରେ ଏହି ମୃତକଙ୍କ ନମାଜ଼ ଯନାଜ଼ାଃ ଗାଏବ ପଢେଇଲେ।

ହୁଜୁର ଅନୱର୍ ଅ.ବ କହିଲେ : ସ୍ୱର୍ଗତ ନଜୀବ୍ ଖାନ୍ ସାହେବ ମାଷ୍ଟର ସ୍ୱର୍ଗତ ବି.ଏମ୍ ମୁହମ୍ମଦ୍ ସାହେବଙ୍କ ସୁପୁତ୍ର ଥିଲେ । ସେ କେରଳ ରାଜ୍ୟର ଏର୍ଣ୍ଣାକୁଲମ୍ ଜିଲ୍ଲା ସ୍ଥିତ କନ୍ନାଡ଼ ଅଞ୍ଚଳର ଅଧିବାସୀ ଥିଲେ । ଚଳିତ ମାସ ଫେବୃୟାରୀ ୧୪ ତାରିଖ ଦିନ ହୃଦ୍‌ଘାତରେ ତାଙ୍କର ଅକାଳ ବିୟୋଗ ହୋଇଥିଲା । **ଇନ୍ନା ଲିଲ୍ଲାଃହି ୱ ଇନ୍ନା ଇଲୈହି ରାଜିଉନ୍ ।** ଅଲ୍ଲାଃତାଲାଙ୍କ କୃପାରୁ ସେ ୱସିୟତ୍ କରିଥିଲେ । ମୃତକଙ୍କ ପରିଜନଙ୍କ ମଧ୍ୟରେ ତାଙ୍କ ବିଧବା ପତ୍ନିଙ୍କ ବ୍ୟତୀତ ତିନିଜଣ ପୁତ୍ର ଅଛନ୍ତି ଏବଂ ତିନିଜଣ ପୁତ୍ର ୱକ୍‌ଫେ ନୌ'ର (ଉତ୍ସର୍ଗୀକୃତ ଜୀବନ) ପବିତ୍ର ତେହ୍‌ରିକରେ ସାମିଲ୍ ଅଟନ୍ତି । ସ୍ୱର୍ଗତ ନଜୀବ୍ ସାହେବଙ୍କ ସୁପୁତ୍ର ଜାମିୟା ଅହେମଦିୟାରେ ଅଧ୍ୟୟନରତ ଅଛନ୍ତି । ସ୍ୱର୍ଗତ ନଜୀବ ଖାନ୍ ସାହେବ ଆବାଲ୍ୟ ଅହେମଦି ନଥିଲେ । ବରଂ ୧୭ ବର୍ଷ ବୟସରେ ସ୍ୱର୍ଗତଙ୍କୁ ନିଜ ପିତାଙ୍କ ମାଧ୍ୟମରେ ଜମାଅତ୍ ଅହେମଦିୟା ସହିତ ପରିଚୟ ଲାଭ ହୋଇଥିଲା । ଅତଏବ ସେ ଜମାଅତି ଲିଟ୍ରେଚର୍ ଏବଂ **"ଇସ୍‌ଲାମୀ ଉସୁଲ୍ କି ଫିଲୋସଫି"** ନାମକ ପୁସ୍ତକ ଅଧ୍ୟୟନ କିରାବକୁ ଲାଗିଲେ ଏବଂ ଦିନେ ନିଜ ପିତାଙ୍କୁ ପଚାରିଲେ ଯେ, ଜଣେ ବାଳକ କେତେ ବର୍ଷ ବୟସରେ ନିଜ ସମ୍ବନ୍ଧରେ ନିଷ୍ପତ୍ତି ନେଇ ପାରିବ । ପ୍ରତ୍ୟୁତ୍ତରରେ ସ୍ୱର୍ଗତ ପିତାଶ୍ରୀ କହିଲେ ଯେ, ଜଣେ ବାଳକ ୧୭ କିମ୍ବା ୧୮ ବର୍ଷ ବୟସରେ ନିଜ ସମ୍ବନ୍ଧରେ କୌଣସି ନିଷ୍ପତ୍ତି ନେଇ ପାରିବ। ପ୍ରତ୍ୟୁତ୍ତରରେ ସ୍ୱର୍ଗୋତ ନଜୀବ୍ ସାହେବ ମୁହମ୍ମଦ୍ ଉଲୁୱୀ ସାହେବଙ୍କ ମାଧ୍ୟମରେ ବୈଅତ୍ କରି ଜମାଅତ୍ ଅହମଦିୟାରେ ସାମିଲ୍ ହୋଇଥିଲେ । ବୈଅତ୍ ସଂପର୍କରେ ମୌଲାନା ଉଲୁୱୀ ସାହେବ ନିଜର ଏକ ସ୍ୱପ୍ନ ସଂପର୍କରେ ବର୍ଣ୍ଣନା କରି କହନ୍ତି ଯେ, ମୁଁ ସ୍ୱପ୍ନରେ ଦେଖିଲି ଯେ, ମୋ ଆଡ଼କୁ ଅନେକ ତାରାକାମାନ ଦ୍ରୁତ ବେଗରେ ମାଡ଼ି ଆସୁଛନ୍ତି । ସେହି ତାରକାମାନଙ୍କ ମଧ୍ୟରେ ଏକ କ୍ଷୁଦ୍ର ତାରକାଟିଏ ଦ୍ରୁତ ବେଗରେ ମୋ ଆଡ଼କୁ ମାଡ଼ି ଆସୁଛି । ତେବେ ଉଲୁୱୀ ସାହେବ ଏହି କ୍ଷୁଦ୍ର ତାରକାରୁ ଯଥାର୍ଥ ମୌଲବୀ ମୁହମ୍ମଦ୍ ନଜିବ୍ ଖାନ୍ ସାହେବଙ୍କୁ ନେଇଛନ୍ତି । ସେ ଯାହା ହେଉ ନା କାହିଁକି ସ୍ୱର୍ଗତ ନଜିବ୍ ସାହେବ ନିଜ ପରିବାରରେ ସର୍ବ ପ୍ରଥମେ ବୈଅତ୍ କରିଥିଲେ । ଅବଶ୍ୟ ତାଙ୍କ ପିତା ଜମାଅତ୍‌କୁ ଭଲ ଭାବରେ ଜାଣିଥିଲେ । କିନ୍ତୁ ଅହେମଦି ହୋଇ ନଥିଲେ । ପରେ ସ୍ୱର୍ଗତ ନଜୀବ୍ ଖାନ୍‌ଙ୍କ ଉଦ୍ୟମ ବଳରେ ତାଙ୍କ ପିତା ଏବଂ ଭାଇ ବୈଅତ୍ କରିଥିଲେ। ବୈଅତ୍ ପରେ ସ୍ୱର୍ଗତ ନଜୀବ୍ ସାହେବ ଏକ ସ୍ୱପ୍ନକୁ ଆଧାର କରି ଜାମିୟା ଅହେମଦିୟାରେ ଆଡ଼ମିଶନ ନେଇଥିଲେ ଏବଂ ଜଣେ ୱାକ୍‌ଫେ ଜିନ୍ଦିଗୀ (ଉତ୍ସର୍ଗୀକୃତ ଜୀବନ) ଭାବରେ ସେବା କରିବାକୁ ନିଷ୍ପତ୍ତି ନେଇଥିଲେ। ପୁନଶ୍ଚ ଭାରତର କ୍ୱଦିୟାନରେ ଅବସ୍ଥିତ ଜାମିୟା ଅହେମଦିୟାରୁ ଶିକ୍ଷା ସମାପ୍ତି ପରେ ଚଣ୍ଡୀଗଡ଼୍‌ର ମୁବଲ୍ଲିଗ୍ ସିଲସିଲା ଭାବରେ ନିଯୁକ୍ତ ହୋଇଥିଲେ । ଏହାପରେ ମୁଁ ତାଙ୍କୁ ନାଏବ୍ ନାଜ଼ିର୍ ଦାୱତେ ଇଲଲ୍ଲାଃ ଭାବରେ ନିଯୁକ୍ତ କରିଥିଲି। ଏହିପରି ଭାବରେ ସେ ନୁରୁଲ୍ ଇସ୍‌ଲାମ୍ ବିଭାଗରେ ଇନ୍‌ଚାର୍ଜ ଭାବରେ ଦାୟିତ୍ୱଭାର ଗ୍ରହଣ କରିଥିଲେ ଏବଂ ତବ୍‌ଲିଗ୍‌ର କାର୍ଯ୍ୟକୁ ସେ ସୁଚାରୁ ରୂପେ ତୁଲାଇଥିଲେ । ସେ ନିୟମିତ ନମାଜ଼ ପାଠ କରୁଥିଲେ ଏବଂ ଓଷା ମଧ୍ୟ ରଖୁଥିଲେ । ସେ ତେହଜ୍ଜୁଦ୍ ପାଠକାରୀ ବ୍ୟକ୍ତି ଥିଲେ, ଖିଲାଫତ୍ ପ୍ରତି ତାଙ୍କର ଗଭୀର ନିଷ୍ଠା, ବିଶ୍ୱସ୍ତତା ଏବଂ ଆନ୍ତରିକତା ଥିଲା । ସେ ପ୍ରତ୍ୟେକ କାର୍ଯ୍ୟକୁ ନିଷ୍ଠା, ଶିଷ୍ଟତା ସହକାରେ ଯଥା ସମୟରେ ସମ୍ପାଦନ କରୁଥିଲେ । ତାଙ୍କ ସ୍ୱଭାବରେ ଏହି କଥାଟି ସଂଶ୍ଳିଷ୍ଟ ଥିଲା ଯେ, କାର୍ଯ୍ୟଟିକୁ ଅତ୍ୟନ୍ତ ଯତ୍ନର ସହକାର ସହିତ ଏବଂ ଯଥା ସମୟରେ ସମ୍ପାଦନ କରାଯାଉ । ଉପାସନା ପ୍ରତି ତାଙ୍କର ବିଶେଷ ଧ୍ୟାନ ଥିଲା । ସେ ଅତ୍ୟନ୍ତ ପୁଣ୍ୟ ସ୍ୱଭାବର ବ୍ୟକ୍ତି ଥିଲ । ସେ ନିଃସ୍ୱାର୍ଥପର ମନୋଭାବ ରଖି ଜମାଅତ୍‌ର ସେବା କରୁଥିଲେ । ସେ ପ୍ରତ୍ୟେକ କାର୍ଯ୍ୟକୁ ଅତ୍ୟନ୍ତ ନିଷ୍ଠାପୂର୍ଣ୍ଣ ଓ ସଚେତନ ମନୋଭାବ ପୋଷଣ କରି କରୁଥିଲେ । ଜମାଅତ୍ ପୁସ୍ତକର ମାଲିୟାଲମ୍ ଭାଷାରେ ଅନୁବାଦ ଏବଂ ଅନୁଦିତ ପୁସ୍ତକର ରିଭ୍ୟୁ ତଥା ତ୍ରୁଟି ସଂଶୋଧନ କରିବାକୁ ମଧ୍ୟ ସେ ସୌଭାଗ୍ୟ ଲାଭ କରିଥିଲେ । ଅଲ୍ଲଃତାଲା ବୈକୁଣ୍ଠରେ ସ୍ୱର୍ଗତଙ୍କ ସ୍ତରକୁ ଉନ୍ନୀତ କରନ୍ତୁ । ଆମିନ୍ ।